# TET_IIA_LANG - ORIYA_SESSION-1 (07.08.22)
# APTET – Paper- IIA – 2022
# CDP

1. 'A baby who can't hold his head up at birth can hold head up without any training at four months of age' refers to
   1. Growth
   2. Maturity
   3. Development
   4. Learning

   ଜନ୍ମହେବା ପରେ ଶିରକୁ ଉପରକୁ ଟେକିପାରୁ ନଥିବା ଶିଶୁଟି 4 ମାସ ପରେ କୌଣସି ତାଲିମ୍ ନଥାଇ ଶିରକୁ ଉପରକୁ ଟେକିପାରିବା ହେଉଛି
   1. ବୃଦ୍ଧି
   2. ପରିପକ୍ୱନ
   3. ବିକାଶ
   4. ଶିକ୍ଷଣ

2. 'Holding the pen and writing after the fingers have gained full grip' follows
   1. Development proceeds from General to specific
   2. Development is uniform in all the stages
   3. Development is a Continuous process
   4. Development is the product of interaction

   ଆଙ୍ଗୁଠିରେ ଦୃଢ଼ଭାବରେ ଧରିବା ଶକ୍ତି ଆସିବାପରେ , କଲମ ଧରି ଲେଖିବା ହେଉଛି
   1. ବିକାଶ ସାଧାରଣରୁ ନିର୍ଦ୍ଦିଷ୍ଟ ଦିଗରେ ଗତିକରିବା
   2. ବିକାଶ ସବୁ ସ୍ଥାୟୀରେ ସମାନ
   3. ବିକାଶ ନିରବଛିନ୍ନ ପ୍ରଣାଳୀ
   4. ବିକାଶ ଏକ ପାରସ୍ପରିକ କ୍ରିୟାର ଉତ୍ପାଦନ

3. The cause for dwarfism

1. Low secretion of Cortisol
2. High secretion of Thyroxin
3. High secretion of Adrenaline
4. High secretion of Estrogen

ବାମନତା(ବାଙ୍ଗର)ର କାରଣ

1. କାର୍ଟିସଲ୍‌ର କ୍ଷୀଣ କ୍ଷରଣ
2. ଥାଇରକ୍ସିନ୍‌ର ଅଧିକ କ୍ଷରଣ
3. ଏଡ୍ରାନାଲିନ୍‌ର ଅଧିକ କ୍ଷରଣ
4. ଇଷ୍ଟ୍ରୋଜେନ୍‌ର ଅଧିକ କ୍ଷରଣ

4. 'Hero worship' stage is

1. Later childhood
2. Middle age
3. Adolescence
4. Adulthood

"ବୀର ପୂଜା"ର ଅବସ୍ଥା

1. ଉତ୍ତର ବାଲ୍ୟାବସ୍ଥା
2. ମଧ୍ୟ ବୟସ୍କ
3. କିଶୋରାବସ୍ଥା
4. ପ୍ରୌଢ଼ାବସ୍ଥା

5. According to Erik Erikson, students in high school face the following psycho social crisis

   1. Identify Vs Identity confusion
   2. Intimacy Vs Isolation
   3. Initiative Vs Guilty
   4. Autonomy Vs Shame

   ଏରିକ୍-ଏରିକ୍‌ସନ୍‌ଙ୍କ ଅନୁସାରେ, ଉଚ୍ଚ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ସମ୍ମୁଖୀନ ହେଉଥିବା ମନୋ-ସାମାଜିକ ସଂଘର୍ଷ

   1. ଚିହ୍ନଟ – ପରିଚୟ ସନ୍ଦିଗ୍ଧତା
   2. ଘନିଷ୍ଠତା – ଏକାକି ରହିବା
   3. ପ୍ରଥମ ପଦକ୍ଷେପ ନେବା – ଅପରାଧ ଭାବନା
   4. ସ୍ୱାୟତ୍ତତା - ଲଜ୍ଜା

6. One of the following is not related to ‘Environmental factor’ according to individual differences

   1. Games
   2. Family
   3. Learning opportunities
   4. Maturity

   ବ୍ୟକ୍ତିଗତ ବୈଷମ୍ୟ ଅନୁଯାୟୀ ନିମ୍ନ ମଧ୍ୟରୁ ଏହା “ପାରିବେଶିକ କାରକ” ସହିତ ସମ୍ପର୍କିତ ନୁହେଁ

   1. କ୍ରୀଡ଼ା
   2. ପରିବାର
   3. ଶିକ୍ଷଣ ସୁଯୋଗ
   4. ପରିପକ୍ୱନ

7. If 5 year old Ramya shows the potential of 8 year old child then the I.Q. type of Ramya is

1. Superior
2. Above average
3. Gifted
4. Average

ଯଦି 5 – ବର୍ଷ ବୟସ ଥିବା ରମ୍ୟାର କ୍ଷମତା 8 ବର୍ଷ ବୟସ ଥିବା ଝିଅର କ୍ଷମତା ସହ ସମାନ, ତେବେ ରମ୍ୟାର ବୁଦ୍ଧ୍ୟାଙ୍କ(I.Q) ରକମ

1. ଉନ୍ନତ ବୁଦ୍ଧି
2. ସାଧାରଣ ଠାରୁ ଅଧିକ
3. ପ୍ରତିଭାଶାଳୀ
4. ସାଧାରଣ

8. The following is useful to overcome Learning Plateaus.

1. Aptitude
2. Attitude
3. Skill
4. Motivation

ନିମ୍ନରୁ ଏହା ଶିକ୍ଷଣ ଅନଭିବୃଦ୍ଧି ଅବସ୍ଥା ପାର ହେବା ପାଇଁ ଉପଯୋଗୀ ଅଟେ

1. ସ୍ୱାଭାବିକ ସାମର୍ଥ୍ୟ
2. ମନୋବୃତ୍ତି
3. କୌଶଳ
4. ଅଭିପ୍ରେରଣା

9. Prabha wants to learn scooty, but she is afraid of falling. In this situation conflict of Prabha is

1. Approach - Approach
2. Avoidance - Avoidance
3. Approach - Avoidance
4. Double Approach - Avoidance

ପ୍ରଭା ସ୍କୁଟି ଶିଖିବାକୁ ଚାହୁଁଛି, କିନ୍ତୁ ବୋଧହୁଏ ସେ ପଡ଼ିଯିବ ଭାବି ଆଶଙ୍କା ପ୍ରକାଶ କରୁଛି । ଏ ପରିସ୍ଥିତିରେ ପ୍ରଭାର ଦ୍ୱନ୍ଦଟି

1. ଉପାଗମ - ଉପାଗମ
2. ପରିହାର – ପରିହାର
3. ଉପାଗମ - ପରିହାର
4. ଦ୍ୱି ଉପାଗମ - ପରିହାର

10. A student remembers traffic signal when he sees red colour. The thinking factor in it is

1. Symbols / signs
2. Image
3. Concept
4. Perception

"ନାଲି ରଙ୍ଗକୁ ଦେଖିବା ବେଳେ ଜଣେ ଶିକ୍ଷାର୍ଥୀ ଟ୍ରାଫିକ୍ ସିଗ୍ନାଲ୍‌କୁ ମନେ ପକାଇଥାଏ" – ଏଠାରେ ଚିନ୍ତନ କାରକଟି

1. ସଙ୍କେତ/ଚିହ୍ନ
2. ଚିତ୍ର
3. ଧାରଣା
4. ପ୍ରତ୍ୟକ୍ଷଣ

11. The Author of “On Memory”

1. Albert Bandura
2. Ebbinghaus
3. Munn
4. DREVER

“ଅନ୍ ମେମୋରୀ”ର ରଚୟିତା

1. ଆଲ୍‌ବର୍ଟ୍ ବାଣ୍ଡୁରା
2. ଏବିଙ୍ଗ୍ ହାସ୍
3. ମନ୍
4. ଡ୍ରେଭର୍

12. Remembering unfinished tasks better than completed tasks is

1. Zeigarnik Effect
2. Deja vu
3. Amnesia
4. Fuge

ସଂପୂର୍ଣ୍ଣ ହେବା କାର୍ଯ୍ୟଠାରୁ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଭଲରୂପେ ମନେ ରଖିବା ହେଉଛି

1. ଜାଇଗାର୍‌ନିକ୍ ପ୍ରଭାବ
2. ଡେଜା ଉ
3. ଆମ୍ନିସିଆ
4. ଫ୍ୟୁଗ୍

13. Theory of Hierarchy of Needs is proposed by

1. J. B. Watson
2. E. L. Thorndike
3. Abraham Maslow
4. Mc Cleland

"ସୋପାନ କ୍ରମିକ ଆବଶ୍ୟକତା" ତତ୍ତ୍ୱର ପ୍ରବର୍ତ୍ତକ

1. ଜେ.ବି.ୱାଟ୍‌ସନ୍
2. ଇ.ଏଲ୍.ଥର୍ଣ୍ଡ଼ାଇକ୍
3. ଆବ୍ରାହାମ୍ ମସ୍ଲୋ
4. ମେକ୍ କ୍ଲିଲ୍ୟାଣ୍ଡ

14. "Motivation is the basis of Learning" said by

1. Crow and Crow
2. Woodworth
3. Bernard
4. De Cecco

"ଅଭିପ୍ରେରଣା ହେଉଛି ଶିକ୍ଷଣର ମୂଳ ଭିତ୍ତି" ବୋଲି କହିଥିଲେ

1. କ୍ରୋ ଓ କ୍ରୋ
2. ଉଡ୍‌ୱର୍ଥ୍
3. ବର୍ଣ୍ଣାଡ୍
4. ଡି ସେକୋ

15. The method which is not useful for children and for those who do not have proper language skills is

1. Introspection
2. Observation
3. Experimental
4. Case Study

ପିଲାମାନେ ଏବଂ ଯେଉଁମାନେ ଉପଯୁକ୍ତ ଭାଷା କୌଶଳ ଜାଣିନାହାନ୍ତି, ସେମାନଙ୍କୁ ଏହି ପଦ୍ଧତିଟି ଉପଯୋଗୀ ନୁହେଁ

1. ଅନ୍ତଃଦର୍ଶନ
2. ପର୍ଯ୍ୟବେକ୍ଷଣ
3. ପ୍ରୟୋଗାତ୍ମକ
4. ବ୍ୟକ୍ତି ଅଧ୍ୟୟନ

16. Number of statements in MMPI is

MMPI ରେ ଥିବା ଉକ୍ତି ସଂଖ୍ୟା

1. 10
2. 50
3. 500
4. 550

17. The ability to think abstractly is

1. Intelligence
2. Creativity
3. Behaviour
4. Concept formation

ଅମୂର୍ତ୍ତ ଭାବେ ଚିନ୍ତାକରିବା ସାମର୍ଥ୍ୟ ହେଉଛି

1. ବୁଦ୍ଧି
2. ସୃଜନାତ୍ମକତା
3. ଆଚରଣ
4. ଧାରଣା ସଂରଚନ

18. Individuals with very superior IQ

ଅତ୍ୟୁନ୍ନତ ବୁଦ୍ଧି ଥିବା ବ୍ୟକ୍ତିଙ୍କ ବୁଦ୍ଧ୍ୟାଙ୍କ (I.Q.)

1. 90 – 109
2. 110 – 119
3. 120 – 139
4. > 140

19. Condition of keeping learnt material in brain for a period of time is called

1. Memory
2. Retention
3. Recognition
4. Relearning

ଶିଖିଥିବା ବିଷୟକୁ ମସ୍ତିଷ୍କରେ କିଛି ସମୟ ପାଇଁ ସାଇତି ରଖିବା ପ୍ରକ୍ରିୟା ବା ଅବସ୍ଥା ହେଉଛି

1. ସ୍ମୃତି
2. ଧାରଣ
3. ପ୍ରତ୍ୟଭିଜ୍ଞାନ
4. ପୁନଃ ଶିକ୍ଷଣ

20. 'Ogive' curve is also known as

1. Cumulative percentage Curve
2. Frequency Curve
3. Histogram
4. Frequency Polygon

"ଓଜୀଭ୍" ବକ୍ରର ଅନ୍ୟନାମ

1. ସଞ୍ଚିତ ଶତକଡା ବକ୍ର
2. ପୌନଃପୁନ୍ୟ ବକ୍ର
3. ହିଷ୍ଟୋଗ୍ରାମ୍
4. ପୌନଃପୁନ୍ୟ ବହୁଭୁଜୀ

21. Digital India was launched in

ଏହି ମସିହାରେ ଡିଜିଟାଲ୍ ଇଣ୍ଡିଆ ଆରମ୍ଭ ହୋଇଥିଲା

1. 2014
2. 2015
3. 2016
4. 2017

22. Typing is a

1. Conceptual learning
2. Problem Solving Learning
3. Motor Learning
4. Verbal Learning

ଟାଇପିଙ୍ଗ୍ ହେଉଛି

1. ଧାରଣୀୟ ଶିକ୍ଷଣ
2. ସମସ୍ୟା ସମାଧାନ ଶିକ୍ଷଣ
3. ଚାଳନ ଶିକ୍ଷଣ
4. ଶାବ୍ଦିକ ଶିକ୍ଷଣ

23. NEP-2020 targets 100% enrollment from preschool to secondary level by this year

ଏହି ମସିହା ସୁଧା ପ୍ରି-ସ୍କୁଲ୍ ଠାରୁ ସେକେଣ୍ଡାରୀ ସ୍ତରରେ 100% ଶିକ୍ଷାର୍ଥୀଙ୍କ ନାମାଙ୍କନ କରିବାକୁ NEP-2022 ଲକ୍ଷ୍ୟ ଧାର୍ଯ୍ୟ କରିଛି

1. 2023
2. 2025
3. 2027
4. 2030

24. Percentage of attendance required by a student to receive Financial Aid under the Ammavodi Scheme

"ଆମ୍ମାଓଡ଼ି" ଯୋଜନାରେ ଆର୍ଥିକ ସହାୟତା ପାଇଁ ଶିକ୍ଷାର୍ଥୀର ଆବଶ୍ୟକୀୟ  ଉପସ୍ଥିତି ଶତକଡାରେ

1. 50%
2. 75%
3. 80%
4. 85%

25. The following is an example of intellectual disability

1. Dyslexia
2. Mental retardation
3. Dyscalculia
4. Dysgraphia

ବୌଦ୍ଧିକ ଅସାମର୍ଥ୍ୟର ଉଦାହରଣ

1. ଡିସ୍‌ଲେକ୍‌ସିଆ
2. ମାନସିକ ଅପାରଗତା
3. ଡିସ୍‌କାଲ୍‌କୁଲିଆ
4. ଡିସ୍ ଗ୍ରାଫିଆ

26. Expand 'WWW'

'WWW' ର ବିସ୍ତାରିତ ରୂପ

1. Window Working Web
2. World Window Web
3. World Wide Web
4. Web for World Window

27. Giving clues and offering support to children while learning is an example of

1. Knowledge making / Scaffolding
2. Conditioning
3. Reinforcement
4. Performance

ପିଲାମାନେ ଶିଖିବା ସମୟରେ ବିଭିନ୍ନ ସୂଚନା ଓ ସହଯୋଗ ଯୋଗାଇବା ହେଉଛି ଏହାର ଉଦାହରଣ

1. ଜ୍ଞାନ ନିର୍ମାଣ / ସ୍କାଫୋଲ୍‌ଡିଙ୍ଗ୍
2. ପ୍ରସୀମନ
3. ପୁନର୍ବଳନ
4. ନିଷ୍ପାଦନ

28. G. Stanley Hall made researches on

1. Interview
2. Check list
3. Anecdotal Record
4. Interest Inventory

ଜି.ଷ୍ଟାନ୍‌ଲୀ ହଲ୍ ଏହି ବିଷୟରେ ଗବେଷଣା କରିଥିଲେ

1. ପରିପୃଚ୍ଛା
2. ଯାଞ୍ଚ ତାଲିକା
3. ବୃତ୍ତାନ୍ତ ଅଭିଲେଖ
4. ଅଭିରୁଚି ସୂଚୀ

29. Generally, the word limit of an essay question answer is

1. 40 to 50
2. 50 to 70
3. 400 to 500
4. 50 to 90

ଦୀର୍ଘଉତ୍ତରମୂଳକ ପ୍ରଶ୍ନର ଉତ୍ତରର ପଦସଂଖ୍ୟା ସୀମା

1. 40 ରୁ 50
2. 50 ରୁ 70
3. 400 ରୁ 500
4. 50 ରୁ 90

30. The main aim of NCF – 2005 was child centric learning and

1. Learning through play
2. Learning through story telling
3. Learning without burden
4. Learning through pictures

NCF – 2005 ର ମୁଖ୍ୟ ଲକ୍ଷ୍ୟ ହେଉଛି ଶିଶୁ କୈନ୍ଦ୍ରିକ ଶିକ୍ଷଣ ଏବଂ

1. କ୍ରୀଡ଼ା ମାଧ୍ୟମରେ ଶିକ୍ଷଣ
2. ଗପ କହିବା ଦ୍ୱାରା ଶିକ୍ଷଣ
3. ଭାର ବିହୀନ ଶିକ୍ଷଣ
4. ଚିତ୍ର ମାଧ୍ୟମ ଶିକ୍ଷଣ

**(PAPER –II A)**
**ODIA**

**31. ନିମ୍ନ ପଦ୍ୟାଂଶଟିକୁ ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।**

କେତେବେଳେ କରେ ମୃତ୍ତିକା ଧରି
ଦିଅନ୍ତି ରସନା ପଙ୍କିଳ କରି
ମାତା ଧରାଇଲେ ସୁନ୍ଦର ଫଳ
ଫିଙ୍ଗନ୍ତି ହଲାଇ ମୁଖ ମଣ୍ଡଳ ।  – ତପସ୍ୱିନୀ

ପଦ୍ୟାଂଶଟିରେ"ମାତା" ଏହାଙ୍କୁ ବୁଝାଏ -

1. ଯଶୋଦା
2. ସୀତା
3. ଦେବକୀ
4. କୌଶଲ୍ୟା

**32. ନିମ୍ନ ପଦ୍ୟାଂଶଟିକୁ ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।**

କେତେବେଳେ କରେ ମୃତ୍ତିକା ଧରି
ଦିଅନ୍ତି ରସନା ପଙ୍କିଳ କରି
ମାତା ଧରାଇଲେ ସୁନ୍ଦର ଫଳ
ଫିଙ୍ଗନ୍ତି ହଲାଇ ମୁଖ ମଣ୍ଡଳ ।  – ତପସ୍ୱିନୀ

ପିଲାଏ ହାତରେ ଏହାକୁ ଧରିଥିଲେ -

1. ପଙ୍କ
2. କାଦୁଅ
3. ମାଟି
4. ଫଳ

**33. ନିମ୍ନ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।**

ପାଶ୍ଚାତ୍ୟ ସାହିତ୍ୟରେ ଭର୍ଜିଲଙ୍କ 'ଏନିଡ୍' ମିଲଟନଙ୍କର 'ପାରାଡାଇଜ୍ ଲଷ୍ଟ୍' ଏବଂ ଦାନ୍ତେଙ୍କର 'ଡିଭାଇନ୍ କମେଡ଼ି' ଆଦି ଉଲ୍ଲେଖନୀୟ କଳାତ୍ମକ ସାହିତ୍ୟିକ ମହାକାବ୍ୟ ଅଟେ । ପ୍ରାଚ୍ୟ ସାହିତ୍ୟରେ ମହାକବି କାଳିଦାସଙ୍କ ରଘୁବଂଶ ଓ କୁମାରସମ୍ଭବମ୍ ମଧ୍ୟ କଳାତ୍ମକ ମହାକାବ୍ୟର ମାନ୍ୟତା ପାଏ ।

"ଡିଭାଇନ୍ କମେଡ଼ି" ଏହାଙ୍କର କୃତି -

1. ଭର୍ଜିଲ୍
2. ମିଲ୍ଟନ୍
3. ସେକ୍ସପିୟର୍
4. ଦାନ୍ତେ

**34. ନିମ୍ନ ଅନୁଚ୍ଛେଦଟି ପଢ଼ି ପ୍ରଶ୍ନର ଉତ୍ତର ଚିହ୍ନଟ କର ।**

ପାଶ୍ଚାତ୍ୟ ସାହିତ୍ୟରେ ଭର୍ଜିଲଙ୍କ 'ଏନିଡ୍' ମିଲଟନଙ୍କର 'ପାରାଡାଇଜ୍ ଲଷ୍ଟ୍' ଏବଂ ଦାନ୍ତେଙ୍କର 'ଡିଭାଇନ୍ କମେଡ଼ି' ଆଦି ଉଲ୍ଲେଖନୀୟ କଳାତ୍ମକ ସାହିତ୍ୟିକ ମହାକାବ୍ୟ ଅଟେ । ପ୍ରାଚ୍ୟ ସାହିତ୍ୟରେ ମହାକବି କାଳିଦାସଙ୍କ ରଘୁବଂଶ ଓ କୁମାରସମ୍ଭବମ୍ ମଧ୍ୟ କଳାତ୍ମକ ମହାକାବ୍ୟର ମାନ୍ୟତା ପାଏ ।

ମହାକବି କାଳିଦାସଙ୍କ ରଚନାବଳୀରୁ ଗୋଟିଏ -

1. ସ୍ୱପ୍ନବାସବଦତ୍ତା
2. ମୃଚ୍ଛକଟିକମ୍
3. କୁମାର ସମ୍ଭବମ୍
4. ରାଜ ତରଙ୍ଗିଣୀ

35. ରାଧାନାଥଙ୍କ ରଚିତ ପ୍ରଥମ ପ୍ରବନ୍ଧ

1. ବିବେକୀ
2. ଇଟାଲୀୟ ଯୁବା
3. ମହାଯାତ୍ରା
4. ଦଶରଥ ବିୟୋଗ

36. ଓଡ଼ିଆ ଜାତିପାଇଁ ଜଗନ୍ନାଥ ଦାସଙ୍କ ଏକ ଶ୍ରେଷ୍ଠ ଅବଦାନ -

1. ତୁଳାଭିଣା
2. ଭାଗବତ
3. ଅର୍ଥ କୋଇଲି
4. ମୃଗୁଣୀ ସ୍ତୁତି

37. କବି ଏହି କବିତା ମାଧ୍ୟମରେ ଜଳ ପ୍ରଦୂଷଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିଛନ୍ତି -

1. ଛୋଟରୁ ବଡ଼
2. ତାରାସୂର୍ଯ୍ୟ
3. ଛୋଟମୋର ଗାଆଁଟି
4. ତଟିନୀର ଖେଦ

**38.** ‘ଆଲେଖ୍ୟ’ ଶବ୍ଦଟିର ଅର୍ଥ -

**1.** ହାତଲେଖା

**2.** ଅଲେଖା

**3.** ଚିତ୍ର

**4.** ଲେଖନୀ

**39.** ‘ସିଂହ’ ର ପ୍ରତିଶବ୍ଦ

**1.** କଣ୍ଠୀରବ

**2.** କୁଞ୍ଜର

**3.** ଶାର୍ଦ୍ଦୁଳ

**4.** କୁଣ୍ଡଳୀ

**40.** ‘ବାସ’ ଶବ୍ଦର ଦୁଇଟି ଭିନ୍ନାର୍ଥ

**1.** ବାସନ, କୁସନ

**2.** ଘର, ଲୁଗା

**3.** ମନ୍ଦ, ଗନ୍ଧ

**4.** ବସା, କଷା

**41.** ‘କ୍ଷମ’ ର ବିପରୀତ ଶବ୍ଦ

**1.** ସକ୍ଷମ

**2.** କ୍ଷମା

**3.** କ୍ଷଣ

**4.** ଅକ୍ଷମ

**42.** ବର୍ଷା, ବିଜୁଳି, ଗିରିଶିଖ, ପବନ – ଭିନ୍ନଜାତୀୟ ଶବ୍ଦଟି ଚିହ୍ନଟ କର ।

**1.** ବିଜୁଳି

**2.** ଗିରିଶିଖ

**3.** ପବନ

**4.** ବର୍ଷା

**43.** 'ସମ- ଶମ' ଏହି ସମୋଚ୍ଚାରିତ ଶବ୍ଦର ଅର୍ଥ ଯଥାକ୍ରମେ -

**1.** ସମାନ, ଉଦ୍ଦେଶ୍ୟ

**2.** ସମାନ, ଭୟ

**3.** ସମାନ, ଶାନ୍ତି

**4.** ସମାନ, ଯଜ୍ଞ

**44.** 'ସୁଖଦୁଃଖ' ଏହି ଧରଣର ଯୁଗ୍ମ ଶବ୍ଦ

**1.** ବିପରୀତାର୍ଥବୋଧକ

**2.** ସମାର୍ଥବୋଧକ

**3.** ଅର୍ଥଯୁକ୍ତ ଅର୍ଥ ବିହୀନ

**4.** ଦ୍ୱିରୁକ୍ତ

45. 'ଶବଦ'-ର ଗଦ୍ୟ ରୂପ

1. ଷଦ୍ଧ
2. ସବଦ
3. ସଦ୍ଧ
4. ଶଦ୍ଧ

46. 'କୁନ୍ତୀଙ୍କ ପୁତ୍ର' – ଏକ ପଦରେ ପ୍ରକାଶ କଲେ

1. କୌନ୍ତେୟ
2. କୁନ୍ତେୟ
3. କାନ୍ତେୟ
4. କୁନ୍ତୀୟ

47. "କାର୍ଯ୍ୟ ହାସଲ ଉଦ୍ଦେଶ୍ୟ ରଖି ଉପରକୁ ବିନମ୍ର ଭାବ ଦେଖାଇବା"

– ଏହି ଅର୍ଥରେ ବ୍ୟବହୃତ ଲୋକବାଣୀଟି

1. ଆତୁରେ ନିୟମ ନାସ୍ତି
2. ଅଣ୍ଟିଛୁରି ତଣ୍ଟି କାଟେ
3. ଅତିଭକ୍ତି ଚୋରର ଲକ୍ଷଣ
4. ଅଦାବେପାରୀର ଜାହାଜ ମୂଲ

**48.** ମୂଷା <u>ଗଣେଷ</u>ଙ୍କ ବାହନ ଅଟେ ।

ରେଖାଙ୍କିତ ଶବ୍ଦଟିର ଶୁଦ୍ଧ ରୂପ ଏହା ହେବ

**1.** ଗଣେସ

**2.** ଗଣେଶ

**3.** ଗୋଣେଶ

**4.** ଗଣୋଶ

**49.** ଏହା ଏକ ତତ୍ସମ ଶବ୍ଦ

**1.** କୂଅ

**2.** ଗାଈ

**3.** ଭୂଇଁ

**4.** ନଦୀ

**50.** ନିମ୍ନୋକ୍ତ ମଧ୍ୟରୁ ନାମବାଚକ ବିଶେଷ୍ୟ ପଦଟି

**1.** ମହାନଦୀ

**2.** ଶିକ୍ଷକ

**3.** ପିଲା

**4.** ସହର

**51.** ନିମ୍ନୋକ୍ତ ମଧ୍ୟରୁ ବିଶେଷଣ ପଦଟି

**1.** କାଠ

**2.** ବନ୍ଧୁ

**3.** ସୁସ୍ଥ

**4.** କଢ଼

**52.** ନିମ୍ନୋକ୍ତ ଏହି ବାକ୍ୟରେ ସଂଯୋଜକ ଅବ୍ୟୟ ବ୍ୟବହୃତ ହୋଇଛି -

**1.** ତୁମ ଯୋଗୁଁ ଏହା ଘଟିଲା ।

**2.** ହଠାତ୍ ସେ ରାଗି ଗଲେ ।

**3.** ସର୍ବଦା ଏକଥା ମନେ ରଖିବ ।

**4.** ଆମେ ପୁରୀ ଗଲୁ ଏବଂ ସେମାନେ କୋଣାର୍କ ଗଲେ ।

**53.** 'ନିରକ୍ଷର' - ସନ୍ଧି ବିଚ୍ଛେଦ କଲେ -

**1.** ନି + ରକ୍ଷର

**2.** ନିର + ଅକ୍ଷର

**3.** ନିଃ + ଅକ୍ଷର

**4.** ନିଃ + ରକ୍ଷର

**54.** ବିଗ୍ରହ ବାକ୍ୟକୁ ଏପରି ମଧ୍ୟ କୁହାଯାଏ

**1.** ସନ୍ଧିପଦ

**2.** ବ୍ୟାସବାକ୍ୟ

**3.** ସମସ୍ତ ବାକ୍ୟ

**4.** ସନ୍ଧିବାକ୍ୟ

**55.** ବିଦ୍ୟାରେ ହୀନ = ବିଦ୍ୟାହୀନ - ଏହି ସମାସ ହେବ

**1.** ତତ୍ପୁରୁଷ

**2.** ବହୁବ୍ରୀହି

**3.** କର୍ମଧାରୟ

**4.** ଅବ୍ୟୟୀଭାବ

**56.** ପଦ୍ୟ ବା କବିତା ରଚନାର ଏକ ନିର୍ଦ୍ଦିଷ୍ଟ ନିୟମ ବା ଶୈଳୀକୁ ଏପରି କୁହାଯାଏ

**1.** ମିତ୍ରାକ୍ଷର

**2.** ଅମିତ୍ରାକ୍ଷର

**3.** ଅଳଙ୍କାର

**4.** ଛନ୍ଦ

**57.** “ବରଜୀବ ରସେ ଦେଇ ମାନସ,

ବରଜି ବରଷେ ଅମେଧ୍ୟ ଗ୍ରାସ” ।

ପଦ୍ୟାଂଶଟିରେ ବ୍ୟବହୃତ ଅଳଙ୍କାରର ନାମ

**1.** ଅନୁପ୍ରାସ

**2.** ଯମକ

**3.** ଶ୍ଳେଷ

**4.** ଉପମା

**58.** “ଅହିନକୁଳ ସମ୍ପର୍କ” - ଏହି ରୂଢ଼ିଟିର ଅର୍ଥ

**1.** ବୃଥା ପ୍ରାର୍ଥନା

**2.** ଘୋର ଶତ୍ରୁତା

**3.** ବୁଦ୍ଧି ବଣା ହେବା

**4.** ନିଜ ଲୋକ ଅଯୋଗ୍ୟ

**59.** ଗୋପବନ୍ଧୁ ଦରିଦ୍ରମାନଙ୍କର ସେବା କରନ୍ତି । ଏହା ଏକ

**1.** ଜଟିଳ ବାକ୍ୟ

**2.** ମିଶ୍ରବାକ୍ୟ

**3.** ଯୌଗିକ ବାକ୍ୟ

**4.** ସରଳ ବାକ୍ୟ

**60.** ଯେ କୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ ଏହା କୁହାଯାଏ -

1. ଖଣ୍ଡବାକ୍ୟ
2. ପୂର୍ଣ୍ଣବାକ୍ୟ
3. ମିଶ୍ରବାକ୍ୟ
4. ବାକ୍ୟାଂଶ

# APTET – Paper- IIA – 2022

## English

61. Choose the discourse you write when you want to share your personal feelings with someone.

    1. a dairy
    2. a news report
    3. a letter
    4. a biography

62. Your medicines ________ regularly.

    Choose the part of the sentence that fits the blank.

    1. must be taken
    2. must take
    3. must be take
    4. must be took

63. Our grandfather lives in ________.

    Choose the correct expression that completes the sentence above.

    1. a stone-built big house
    2. a house stone-built
    3. a big stone-built house
    4. a big built stone house

64. Why don't you join us?

    The sentence above indicates.

    1. making an offer.
    2. making a request.
    3. making a complaint.
    4. making a suggestion.

65. Choose the article we use before a singular common noun that begins with a consonant sound.

1. a
2. an
3. the
4. None

66. Have another cup of tea, __________

Choose the question tag of the sentence.

1. can’t you?
2. don’t you?
3. won’t you?
4. do you?

67. A letter or a group of letters attached at the beginning of a word to form a new word is a

1. prefix
2. suffix
3. lexicon
4. glossary

68. Choose the alphabetical order of these words given below.

mentor, merely, mention, mercy

1. mention, mentor, mercy, merely
2. mercy, mentor, merely, mention
3. mention, mercy, mentor, merely
4. merely, mention, mentor, mercy

69. Choose the correct spelling of the word.

1. Vermelion
2. Vermilian
3. Vermilion
4. Vermealion

70. Choose the word that can begin with a capital letter.

1. olympics
2. astrofurf
3. coach
4. discipline

71. He drew our attention towards how they flap their wings to fly higher and how they use the tail to propel directions.

Choose the synonym of the word ‘propel’.

1. check
2. move
3. contain
4. curb

72. Fortunately there were incessant rains for ten days.

Choose the antonym of the word ‘incessant”.

1. uphill
2. ardent
3. inconstant
4. reverent

73. Rashmi said to me, ‘Let us celebrate Diwali’.

Choose the reported speech of the sentence.

1. Rashmi proposed to me that we should celebrate Diwali.
2. Rashmi wanted to celebrate Diwali.
3. I wanted to celebrate Diwali with Rashmi.
4. Rashmi and I celebrated Diwali together.

74. Money is ________ gold.

Choose the expression that fits the blank.

1. the most liquid of
2. more liquid to
3. more liquid than
4. much more liquid that of

75. Frank ________ stamps in his spare time. It is his hobby.

Choose the verb that fits the blank.

1. collects
2. collected
3. is collecting
4. was collecting

76. Philip is an excellent linguist. He __________ six languages fluently.

Choose the verb that fits the blank.

1. speak
2. has spoken
3. Will be speaking
4. can speak

77. Sorry, I’m late. My car <u>broke down</u>.

Choose the meaning of the underlined phrasal verb ‘broke down’.

1. looked outside
2. ate outside
3. entered
4. stopped working

78. I have some responsibilities. I must perform them.

Choose the sentence that has the meaning of the two sentences above.

1. I have some responsibilities to perform.
2. I must have some responsibilities.
3. I have them to perform my responsibilities.
4. I must have to perform many responsibilities.

79. Many students will now be starting to _______ their exam results.

Choose the appropriate word + preposition that fits the blank.

1. taught about
2. worry on
3. worry about
4. taught on

80. She got very badly sunburnt ______ her holidays in Spain.

Choose the word that fits the blank.

1. for
2. since
3. from
4. during

81. She wrote to the press <u>with the aim of</u> exposing the scandal.

The underlined phrase indicates

1. purpose
2. result of a process
3. social change
4. less reaction

82. Choose the linker that doesn't show the relationship of reason and result.

1. so
2. because
3. therefore
4. but

83. Somebody <u>ate</u> my biscuits; the tin is empty.

Choose the option that can improve the underlined part.

1. has to eat
2. has eaten
3. had to eat
4. will eat

84. Please give him medicines <u>if his temperature will rise</u>.

Choose the right option that can replace the underlined part.

1. if his temperatures will be rised
2. if his temperatures will rise
3. if his temperature rises
4. if his temperature will be rise.

85. Choose the plural noun from the following.

1. datum
2. fowl
3. foci
4. focus

86. Choose the indefinite pronoun from the following.

1. whose
2. Each
3. None
4. Neither

87. Can I use your shampoo?

This sentence indicates

1. seeking permission
2. ability
3. offer
4. possibility

88. To an outsider, the economy of this country ________ to be in disarry.

1. seemed to have
2. seems
3. seeming
4. have to seen

89. Read the following passage.

Water is a component of blood. But it does not contain any nutrients. Water constitutes nearly $\frac{2}{3}$ of our body weight. It regulates and maintains the temperature of our body. It helps in excretion of wastes from our body as urine and sweat.

This passage mainly focuses on

1. the process of producing sweat.
2. how water turns into blood.
3. the uses of urin and sweat.
4. the uses of water for human body.

90. Read the following passage.

Water is a component of blood. But it does not contain any nutrients. Water constitutes nearly $\frac{2}{3}$ of our body weight. It regulates and maintains the temperature of our body. It helps in excretion of wastes from our body as urine and sweat.

$\frac{2}{3}$ of our body weight is

1. urine and sweat.
2. water.
3. blood.
4. water and blood.

## (PAPER –II A)

## ODIA Language  SCHOOL ASST.

**91.** ଜାତୀୟତା ବାଦୀ ଚେତନା ଓ ଦେଶାତ୍ମବୋଧ ଭାବନାର ଏକ ମନୋଜ୍ଞ କୃତି -

**1.** ଜାଗ ବନ୍ଧନ ହରା
**2.** ବନ୍ଦେ ଉତ୍କଳ ଜନନୀ
**3.** ସର୍ବଂସହା ମାଟି
**4.** କବିତା ମାଳା

**92.** ହିଂସାପ୍ରମତ୍ତ ଯୁଦ୍ଧଖୋର ମଣିଷର ପରିବର୍ତ୍ତନ ସମ୍ବନ୍ଧରେ ବର୍ଣ୍ଣିତ ଗଳ୍ପଟି -

**1.** କାଠ
**2.** ଲକ୍ଷ୍ମୀର ଅଭିସାର
**3.** ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ
**4.** କାଳର କପୋଳ ତଳେ

**93.** 'ଢେଙ୍କିସ୍ୱର୍ଗକୁ ଗଲେ ବିଧାନ କୁଟେ' - ଉକ୍ତିଟି 'ଦୂର ପାହାଡ଼' ଏକାଙ୍କିକାରେ ଏହାଙ୍କୁ ଲକ୍ଷ୍ୟ କରିକୁହାଯାଇଛି -

**1.** ବୀଣାଦେବୀ
**2.** ବିମଳ
**3.** ହରେନ୍ଦ୍ର
**4.** ସୁମିତ୍ରାଦେବୀ

**94.** ନିମ୍ନୋକ୍ତ ମଧ୍ୟରୁ 'ପ୍ରବନ୍ଧ ମାନସ' ପୁସ୍ତକରୁ ସଂଗୃହୀତ ପ୍ରବନ୍ଧଟି

**1.** ଜାତୀୟ ଜୀବନ

**2.** ଜନ୍ମଭୂମି

**3.** ଭାଷା ଓ ଜାତୀୟତା

**4.** ପ୍ରକୃତ ବନ୍ଧୁ

**95.** ସଂସ୍କୃତ ଭାଷାକୁ ଅନୁକରଣ କରି ଓଡ଼ିଆରେ ବ୍ୟବହୃତ ଉପସର୍ଗର ମୋଟ ସଂଖ୍ୟା

**1.** କୋଡ଼ିଏ

**2.** ଅଠର

**3.** ପଚିଶି

**4.** ପନ୍ଦର

**96.** ଅଛି ଅର୍ଥରେ 'ଇନ୍' ପ୍ରତ୍ୟୟ ଯୁକ୍ତ ଶବ୍ଦଟି

**1.** ପାବନୀ

**2.** ମେଧାବୀ

**3.** ଗୁଣୀ

**4.** ମାନବ

**97.** 'କୃତ୍' ପ୍ରତ୍ୟୟ ଯୋଗରେ ଗଠିତ ନୂତନ ଶବ୍ଦକୁ ଏହା କୁହାଯାଏ -

**1.** ତଦ୍ଧିତ

**2.** ସନ୍ଧି

**3.** ସମାସ

**4.** କୃଦନ୍ତ

**98.** 'ଶାନ୍ତ' ଏହି ଶବ୍ଦରେ ଥିବା ଧାତୁଟି -

**1.** 'ଶାନ୍ତ୍'

**2.** 'ଶାନ୍'

**3.** 'ଶମ୍'

**4.** 'ଶନ୍'

**99.** ବାକ୍ୟ ମଧ୍ୟରେ କ୍ରିୟାପଦ ସହିତ ଅନ୍ୟପଦମାନଙ୍କର ଯେଉଁ ସମ୍ବନ୍ଧ ରହିଥାଏ, ତାହାକୁ ଏହା କୁହାଯାଏ -

**1.** ବିଭକ୍ତି

**2.** କାରକ

**3.** ସମାସ

**4.** ପ୍ରତ୍ୟୟ

**100.** ବ୍ୟବହାରରୁ ବିଦ୍ୟା ଜଣାଯାଏ ।

ରେଖାଙ୍କିତ ପଦଟିରେ ଥିବା ବିଭକ୍ତି

**1.** ପଞ୍ଚମୀ

**2.** ଦ୍ୱିତୀୟା

**3.** ତୃତୀୟା

**4.** ସପ୍ତମୀ

**101.** ସମସ୍ତ ବାକ୍ୟର ସମାପିକା କ୍ରିୟାଯୁକ୍ତ ଅଂଶଟିକୁ ଏହା କୁହାଯାଏ-

**1.** ବାକ୍ୟାଂଶ

**2.** ଖଣ୍ଡବାକ୍ୟ

**3.** ଯୋଗ୍ୟତା

**4.** ଆସତ୍ତି

**102.** ବାକ୍ୟରେ ବିଶେଷଣ ପଦ ଏହି ପଦ ପୂର୍ବରୁ ବସେ -

**1.** ସର୍ବନାମ

**2.** କ୍ରିୟା

**3.** ବିଶେଷ୍ୟ

**4.** ଅବ୍ୟୟ

103. ଅତ୍ୟଧିକ ବକ୍ତବ୍ୟ ସ୍ପୃହଣୀୟ ନୁହେଁ ।

ବାକ୍ୟଟି ଏହି ଶବ୍ଦ ଦ୍ୱାରା ସଂକ୍ଷେପ ହୋଇଛି -

1. ସମାସ
2. କୃଦନ୍ତ
3. ସନ୍ଧି
4. ତଦ୍ଧିତ

104. 'ଣ' ତ୍ୱ ବିଧି ଏହାକୁ କୁହାଯାଏ ।

1. 'ଣ' ସ୍ଥାନରେ 'ନ' ହେଲେ
2. 'ନ' କୁ 'ଣ' ବୋଲି ପଢ଼ିଲେ
3. 'ଣ' କୁ 'ନ' ବୋଲି ପଢ଼ିଲେ
4. 'ନ' ସ୍ଥାନରେ 'ଣ' ହେଲେ

105. "ଆସଇ ବସନ୍ତ' ଶିଶିର ଅନ୍ତେ'

ଦିଶଇ ଧରଣୀ' ଚାରୁ କେମନ୍ତେ ।"

ଏହି ଋତୁରେ ଧରଣୀ ସୁନ୍ଦର ଦେଖାଯାଏ ବୋଲି କୁହାଯାଇଛି -

1. ବସନ୍ତ
2. ବର୍ଷା
3. ହେମନ୍ତ
4. ଶିଶିର

**106.** ଏମାନଙ୍କ ମଧ୍ୟରୁ ରାଧାନାଥ ଯୁଗର ଅନ୍ୟତମ କବି -

**1.** ଗୋଦାବରୀଶ ମିଶ୍ର

**2.** ବୀର କିଶୋର ଦାସ

**3.** ବାସୁଦେବ ମହାପାତ୍ର

**4.** ନନ୍ଦକିଶୋର ବଳ

**107.** "ଶାସ୍ତି" – ଉପନ୍ୟାସର ଔପନ୍ୟାସିକ -

**1.** ଗୋପୀନାଥ ମହାନ୍ତି

**2.** କାହ୍ନୁ ଚରଣ ମହାନ୍ତି

**3.** ଗୁରୁ ପ୍ରସାଦ ମହାନ୍ତି

**4.** ସୁରେନ୍ଦ୍ର ମହାନ୍ତି

**108.** 'କବିଚନ୍ଦ୍ର' ଉପାଧିରେ ଭୂଷିତ କବି -

**1.** କାଳିନ୍ଦୀ ଚରଣ ପାଣିଗ୍ରାହୀ

**2.** ବାଞ୍ଛାନିଧି ଶତପଥୀ

**3.** କାଳୀଚରଣ ପଟ୍ଟନାୟକ

**4.** ପଦ୍ମଚରଣ ପଟ୍ଟନାୟକ

**109.** ଗୋପୀନାଥ ମହାନ୍ତି ଏହି ଉପନ୍ୟାସ ପାଇଁ ପ୍ରଥମେ 'ଜ୍ଞାନପୀଠ' ପୁରସ୍କାର ପାଇଥିଲେ

**1.** ଦାନା ପାଣି

**2.** ମାଟି ମଟାଳ

**3.** ଅମୃତ ସନ୍ତାନ

**4.** ପରଜା

**110.** ସାରଳାଦାସଙ୍କ ମହାଭାରତର ଗଦାପର୍ବ ସଂସ୍କୃତ ମହାଭାରତର ନିମ୍ନୋକ୍ତ ପର୍ବରୁ ଅଣାଯାଇଛି -

**1.** ଭୀଷ୍ମ ପର୍ବ

**2.** ଆଦ୍ୟ ପର୍ବ

**3.** ବିରାଟ ପର୍ବ

**4.** ଶଲ୍ୟ ପର୍ବର ଶେଷ ଉପସର୍ଗ

**111.** ଶ୍ରୀକୃଷ୍ଣ ଗଧପାଦ ଧରିବା କଥା ଏହି ପ୍ରସଙ୍ଗରେ ଅଛି -

**1.** କୀଚକ ବଧ

**2.** କଂସ ବଧ

**3.** ଜରାସନ୍ଧ ବଧ

**4.** କର୍ଣ୍ଣ ବଧ

**112.** ଏହି ଆଦ୍ୟ ଅକ୍ଷର ନିୟମରେ 'ରସକଲ୍ଲୋଳ' ରଚିତ -

**1.** 'କ'

**2.** 'ବ'

**3.** 'ସ'

**4.** 'ର'

**113.** ଏହି ପୁରାଣରେ ନାରୀ ଧର୍ମ ସମ୍ପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ଶ୍ରୀଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମାଧ୍ୟମରେ ତତ୍କାଳୀନ ଜାତିପ୍ରଥା ବିରୁଦ୍ଧ କରିବା ପ୍ରସଙ୍ଗ ବର୍ଣ୍ଣିତ -

**1.** ଲକ୍ଷ୍ମୀନାରାୟଣ ବଚନିକା

**2.** ଚଣ୍ଡୀ ପୁରାଣ

**3.** ଭାବ ସମୁଦ୍ର

**4.** ଲକ୍ଷ୍ମୀ ପୁରାଣ

**114.** ଏହାର ବିଷୟ ବସ୍ତୁ ଇତିହାସରୁ ଗୃହୀତ ହୋଇଥାଏ, ନଚେତ କୌଣସି ସଜ୍ଜନ ପୁରୁଷଙ୍କ ଜୀବନବୃତ୍ତକୁ ଭିତ୍ତିକରି ରଚିତ ହୋଇଥାଏ ।

**1.** ମହାକାବ୍ୟ

**2.** କାବ୍ୟ

**3.** ପୁରାଣ

**4.** ନାଟକ

**115.** 'ବାକ୍ୟଂ-ରସାତ୍ମକଂ-କାବ୍ୟଂ' - ଅର୍ଥାତ ରସାତ୍ମକ ବାକ୍ୟ ହିଁ କାବ୍ୟ ବୋଲି କହିଛନ୍ତି -

**1.** ମମ୍ମଟ

**2.** ବିଶ୍ୱନାଥ କବିରାଜ

**3.** କାଳିଦାସ

**4.** ଭରତ ମୁନି

**116.** ନିମ୍ନୋକ୍ତ ମଧ୍ୟରୁ ଗୋଦାବରୀଶ ମିଶ୍ରଙ୍କ ରଚିତ ଗାଥା କବିତାଟି -

**1.** ଶାମୁକାର ସ୍ୱପ୍ନ

**2.** ସ୍ମରଣିକା

**3.** ଉତ୍କଳିକା

**4.** କାଳିଜାଈ

**117.** ଗଦ୍ୟ ଓ ପଦ୍ୟ ମିଶ୍ରିତ ଶୈଳୀର ରଚନାକୁ ଏହା କୁହାଯାଏ -,

**1.** ଚଉତିଶା

**2.** ଗୀତି କବିତା

**3.** ଚମ୍ପୂ

**4.** ଗାଥା କବିତା

**118.** 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ବ୍ୟଞ୍ଜନ ବର୍ଣ୍ଣର ଚଉତିରିଶିଟି ଅକ୍ଷରକୁ ଆଦ୍ୟରେ ରଖି ରଚିତ ହୋଇଥିବା ଗୀତି କବିତାକୁ ଏହା କହନ୍ତି -

**1.** ଗୀତି କବିତା

**2.** ଚଉପଦୀ

**3.** ସନେଟ୍

**4.** ଚଉତିଶା

**119.** ପ୍ରାଚୀନ କାଳରେ ପ୍ରବନ୍ଧକୁ ଏହା କୁହାଯାଇଥିଲା

**1.** ଛନ୍ଦୋବଦ୍ଧ ଶବ୍ଦ ସଙ୍ଗୀତ

**2.** ଛନ୍ଦୋମୟ ଶବ୍ଦ ସଙ୍ଗୀତ

**3.** ଛନ୍ଦୋବଦ୍ଧ ସଙ୍ଗୀତ

**4.** ଛନ୍ଦୋବଦ୍ଧ ଶବ୍ଦ ପ୍ରବନ୍ଧ

**120.** ନିମ୍ନୋକ୍ତ ଏହି ଉପନ୍ୟାସଟି ନଅଜଣ ଲେଖକଙ୍କ ସମ୍ମିଳିତ ସୃଷ୍ଟି -

**1.** ସୌଦାମିନୀ

**2.** ପ୍ରଜାପତି

**3.** ବାସନ୍ତୀ

**4.** ପୂଜାର ବଳି

121. ଆକସ୍ମିକ ଭାବରେ ଯେପରି ଏହାର ଆରମ୍ଭ ହୁଏ, ସେହିପରି ଇଙ୍ଗିତ ଦେଇ ଏହା ପରିସମାପ୍ତି ହୁଏ -

1. ଉପନ୍ୟାସ
2. କ୍ଷୁଦ୍ରଗଳ୍ପ
3. ଜୀବନୀ
4. ଆତ୍ମ ଜୀବନୀ

122. 'ନାଟକ' ଶବ୍ଦଟି ଏହି ଧାତୁରୁ ନିଷ୍ପନ୍ନ ହୋଇଛି -

1. ନାଟ୍
2. ନୃତ୍
3. ନଟ୍
4. ନୃଟ୍

123. ଓଡ଼ିଆ ସାହିତ୍ୟରେ ପ୍ରଥମ ଏକାଙ୍କିକାର ସ୍ରଷ୍ଟା -

1. ଗୋପାଳ ଛୋଟରାୟ
2. କାଳୀଚରଣ ପଟ୍ଟନାୟକ
3. ପ୍ରାଣବନ୍ଧୁ କର
4. ଭଞ୍ଜ କିଶୋର ପଟ୍ଟନାୟକ

**124.** 'ସରସ୍ୱତୀ ଫକୀରମୋହନ' ଜୀବନୀ ବହିର ସ୍ରଷ୍ଟା -

**1.** ମାୟାଧର ମାନସିଂ

**2.** ପ୍ରାଣନାଥ ପଟ୍ଟନାୟକ

**3.** ଜାନକୀ ବଲ୍ଲଭ ପଟ୍ଟନାୟକ

**4.** କାଳୀଚରଣ ପଟ୍ଟନାୟକ

**125.** ଓଡ଼ିଆ ସାହିତ୍ୟରେ ନିଜର ପୂର୍ଣ୍ଣାଙ୍ଗ ଆତ୍ମଜୀବନ ଚରିତ ରଚନା କରିଥିବା ଲେଖକ -

**1.** ରାଧାନାଥ ରାୟ

**2.** ଗୋପବନ୍ଧୁ ଦାସ

**3.** ନୀଳକଣ୍ଠ ଦାସ

**4.** ଫକୀରମୋହନ ସେନାପତି

**126.** 'ଗଙ୍ଗାରୁ ଗୋଦାବରୀ' ଭ୍ରମଣ କାହାଣୀର ଲେଖକ -

**1.** ଗୋଲକ ବିହାରୀ ଧଳ

**2.** କୁଳମଣି ଦାସ

**3.** ଗୋଦାବରୀଶ ମିଶ୍ର

**4.** ରାଧାନାଥ ରଥ

**127.** ଆମ ଓଡ଼ିଆ ଭାଷା ନିମ୍ନୋକ୍ତ ଭାଷା ପରିବାରର ଅନ୍ତର୍ଭୁକ୍ତ -

**1.** ପାଶ୍ଚାତ୍ୟ ଆର୍ଯ୍ୟଭାଷା

**2.** ପ୍ରାକୃତ ଆର୍ଯ୍ୟଭାଷା

**3.** ଭାରତୀୟ ଆର୍ଯ୍ୟଭାଷା

**4.** ଅଙ୍ଗ, ବଙ୍ଗ, କଳିଙ୍ଗ ଆର୍ଯ୍ୟଭାଷା

**128.** ବର୍ତ୍ତମାନ ଶ୍ରୀକାକୁଲମ୍ ଜିଲ୍ଲାରେ ଆବିଷ୍କୃତ ଉରଜାମ୍ ଶିଳା ଲେଖରେ -

ଏହି ଓଡ଼ିଆ ଶବ୍ଦଟି ଦେଖିବାକୁ ମିଳେ

**1.** କୁମ୍ଭାର

**2.** ପନ୍ଦର

**3.** ଭିତରୁ

**4.** ତିନିଭାଗ

**129.** ସାରଳା ମହାଭାରତରେ 'ଅଗାଧ' ଶବ୍ଦ ପରିବର୍ତ୍ତେ ନିମ୍ନୋକ୍ତ ଶବ୍ଦଟି ବ୍ୟବହାର ହୋଇଛି -

**1.** ଅଗାଧ

**2.** ଅଗାଦ

**3.** ଅଘାଦ

**4.** ଅଗଦ

**130.** ମାଦଳା ପାଞ୍ଜିରେ ରହିଥିବା ବିଭାଗ ସଂଖ୍ୟା -

**1.** ଚାରି

**2.** ସାତ

**3.** ପାଞ୍ଚ

**4.** ତିନି

**131.** ଧ୍ୱନି ସମୂହ ସଜ୍ଜିତ ହୋଇ ଅର୍ଥ ପ୍ରକାଶ କଲେ, ତାହାକୁ -

**1.** ବ୍ୟାକରଣ କହନ୍ତି

**2.** ନାଟକ କହନ୍ତି

**3.** କବିତା କହନ୍ତି

**4.** ଭାଷା କହନ୍ତି

**132.** ଭାରତୀୟ ଆଧୁନିକ ଓଡ଼ିଆ ଭାଷାର ଜନନୀ -

**1.** ସଂସ୍କୃତ

**2.** ପାଲି

**3.** ପ୍ରାକୃତ

**4.** ଅପଭ୍ରଂଶ

**133.** ଭାଷା ବିଜ୍ଞାନରେ ଭାଷାର ଏହି ରୂପକୁ ବିଚାର କରାଯାଏ -

**1.** ଲିଖିତ

**2.** କଥିତ

**3.** କଥିତ ଓ ଲିଖିତ

**4.** ଲିପି

**134.** ଭାଷା ପରିବର୍ତ୍ତନରେ ଏହା ଏକ ମୁଖ୍ୟ କାରଣ -

**1.** ଲିପି ପରିବର୍ତ୍ତନ ଓ ବର୍ଣ୍ଣ ପରିବର୍ତ୍ତନ

**2.** ପରିବେଶ ଓ ଲୋକ ପରିବର୍ତ୍ତନ

**3.** ସଂସ୍କୃତି ଓ ପରମ୍ପରାର ପରିବର୍ତ୍ତନ

**4.** ଧ୍ୱନି ପରିବର୍ତ୍ତନ ଓ ଅର୍ଥ ପରିବର୍ତ୍ତନ

**135.** ଓଡ଼ିଆ ଭାଷାରେ ମୋଟ ଧ୍ୱନି ସଂଖ୍ୟା -

**1.** 50

**2.** 41

**3.** 49

**4.** 11

**136.** ନିମ୍ନୋକ୍ତ ମଧ୍ୟରୁ ଦନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣଟି -

**1.** ‘ଘ’

**2.** ‘ଭ’

**3.** ‘ଧ’

**4.** ‘ଝ’

**137.** ସାହିତ୍ୟର ଉତ୍କର୍ଷ ବା ଅପକର୍ଷର ବିଚାରକୁ ଏହା କୁହାଯାଏ -

**1.** ସମୀକ୍ଷା

**2.** ସାହିତ୍ୟ

**3.** ସମାଲୋଚନା

**4.** ମନସ୍ତାତ୍ତ୍ୱିକ ଆଲୋଚନା

**138.** “ନ’ ଅଙ୍କ” ଦୁର୍ଭିକ୍ଷ ସମୟରେ ଆତ୍ମ ପ୍ରକାଶ କରିଥିବା ପତ୍ରିକାଟି -

**1.** ଉତ୍କଳ ଦର୍ପଣ

**2.** ଉତ୍କଳିକା

**3.** ଉତ୍କଳ ଦୀପିକା

**4.** ଉତ୍କଳ କେଶରୀ

## Methodology

**139.** ମଣିଷର ଆବେଗାନୁଭୂତି ଏହା ଦ୍ୱାରା ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ପାଇଥାଏ -

**1.** ପ୍ରଶାସନିକ ଭାଷା

**2.** ମାତୃଭାଷା

**3.** ବିଦେଶୀ ଭାଷା

**4.** ଅପଭ୍ରଂଶ ଭାଷା

**140.** ଭାଷାର ବିଶେଷ ପ୍ରୟୋଗ, ଛନ୍ଦ, ଅଳଙ୍କାର ସମ୍ବନ୍ଧରେ ଜ୍ଞାନଲାଭ କରିବା ଓଡ଼ିଆ ଭାଷା ଶିକ୍ଷଣର ଏହି ଉଦ୍ଦେଶ୍ୟ ପୂରଣ କରିଥାଏ -

**1.** ଭାବାତ୍ମକ

**2.** କୌଶଳାତ୍ମକ

**3.** ଜ୍ଞାନାତ୍ମକ

**4.** ସାଧାରଣ

**141.** ଶିକ୍ଷଣ ପ୍ରକ୍ରିୟାର ତିନୋଟି ଉପାଦାନ ଯଥାକ୍ରମେ -

**1.** ପାଠ୍ୟକ୍ରମ, ଶିକ୍ଷାର୍ଥୀ ଏବଂ ଶିକ୍ଷକ

**2.** ଶିକ୍ଷକ, ଶିକ୍ଷାର୍ଥୀ ଏବଂ ପାଠ୍ୟକ୍ରମ

**3.** ଶିକ୍ଷାର୍ଥୀ, ଶିକ୍ଷକ ଏବଂ ପାଠ୍ୟକ୍ରମ

**4.** ପାଠ୍ୟକ୍ରମ, ଶିକ୍ଷକ ଏବଂ ଶିକ୍ଷାର୍ଥୀ

**142.** ମାତୃଭାଷା ଶିକ୍ଷାଦାନର ଲକ୍ଷ୍ୟ ମଧ୍ୟରୁ ଏହା ଅନ୍ୟତମ -

**1.** ସୃଜନଶୀଳତାର ପରିପ୍ରକାଶ

**2.** ଦେଶ ଭ୍ରମଣ

**3.** କ୍ଷେତ୍ର ପର୍ଯ୍ୟଟନ

**4.** ସାହିତ୍ୟ ମେଳା

**143.** ଜଣେ ଛାତ୍ର ଏହି ଜ୍ଞାନର ଅଭାବରୁ 'ନୀରବ'କୁ 'ନିରବ' ବୋଲି ଲେଖେ -

**1.** ଲିପି

**2.** ଅସାବଧାନତା

**3.** ବ୍ୟାକରଣ

**4.** ତ୍ରୁଟିଯୁକ୍ତ ପଠନ

**144.** ବାଳସଭା, ଆଲୋଚନା ସଭା, ତର୍କସଭା, ଆଶୁ ଅଭିନୟ ଆଦି ମୌଖିକ କାର୍ଯ୍ୟକ୍ରମର ଆୟୋଜନ ଦ୍ୱାରା ଏହି ତ୍ରୁଟି ନିରାକୃତ ହୁଏ -

**1.** ଲିଖନ

**2.** ବନାନ

**3.** ଉଚ୍ଚାରଣ

**4.** ଲିପି

**145.** ଏହି ସୋପାନରେ ସରବ ପଠନ କରାଯାଏ -

**1.** ପ୍ରୟୋଗ

**2.** ଉପକ୍ରମ

**3.** ଉପସ୍ଥାପନ

**4.** ମୂଲ୍ୟାୟନ

**146.** ରସବୋଧ ଆଲୋଚନା ମୂଳକ ପ୍ରଣାଳୀ ଏହି ଶିକ୍ଷାଦାନ ପାଇଁ ଅବଲମ୍ବନ କରାଯାଏ -

**1.** ବ୍ୟାକରଣ

**2.** ଗଦ୍ୟ

**3.** କବିତା

**4.** ରଚନା

147. ବ୍ୟାକରଣ ଶିକ୍ଷାଦାନ ପ୍ରଣାଳୀରେ ଏହା ଏକ ପାରମ୍ପରିକ ଶିକ୍ଷାଦାନ ପଦ୍ଧତି -

1. ଆରୋହ
2. ଅବରୋହ
3. ପାଠ୍ୟପୁସ୍ତକ
4. ଭାଷା ସଂସର୍ଗ

148. ଶିକ୍ଷାଦାନରେ ଏହି ଉପକରଣ ଶ୍ରବଣ, ଦର୍ଶନ ଏବଂ ସ୍ପର୍ଶ କ୍ରିୟାକୁ ଉଜ୍ଜୀବିତ କରାଇ ଶିକ୍ଷଣକୁ ସଫଳ କରାଏ -

1. ଶ୍ରାବ୍ୟ - ଦୃଶ୍ୟ
2. ବୁଲେଟିନ୍ ବୋର୍ଡ
3. ଚିତ୍ର ଲେଖା
4. ପ୍ରତିରୂପ

**149.** ଏହା ଶିକ୍ଷକଙ୍କୁ ଶୃଙ୍ଖଳିତ ଶିକ୍ଷାଦାନ ନିମନ୍ତେ ବିଶେଷ ଭାବେ ସହାୟକ ହୋଇଥାଏ -

**1.** ପାଠ୍ୟ ପୁସ୍ତକ

**2.** ପାଠ୍ୟ ପ୍ରସଙ୍ଗ

**3.** ପାଠ୍ୟାଂଶ

**4.** ପାଠ୍ୟ ଯୋଜନା

**150.** ଭାଷା ସାହିତ୍ୟ ଶିକ୍ଷାଦାନ ପରିପ୍ରେକ୍ଷୀରେ ପିଲାମାନଙ୍କ ଜ୍ଞାନ, ବୋଧ ଆଦି ସାମର୍ଥ୍ୟର ସ୍ଥିତି ଓ ପ୍ରଗତିର ମାପନକୁ ଏହା କୁହାଯାଏ -

**1.** ମୂଲ୍ୟାୟନ

**2.** ପରୀକ୍ଷା

**3.** ପର୍ଯ୍ୟଟନ

**4.** ଶ୍ରବଣ